ଜୟଗୁରୁ

## ସମ୍ମିଳନୀ ପ୍ରାର୍ଥନା

ପ୍ରାଣାରାଧ୍ୟ ଗୁରୁଦେବ,

ଆମ୍ଭେମାନେ ସଂସାର ତାପରେ ତାପିତ ହୋଇ ଆପଣଙ୍କର ଶ୍ରୀଚରଣରେ ଆଶ୍ରୟ ଗ୍ରହଣ କରିଥିଲେ ମଧ୍ୟ ମଳିନ ଦେହ ମନ ପ୍ରାଣ ନେଇ ସେଥିରେ ଉପଯୁକ୍ତ ଭାବରେ ମନୋନିବେଶ କରିପାରୁ ନାହୁଁ । ତଥାପି ଆପଣଙ୍କୁ ଭକ୍ତମାନଙ୍କ ସହ ଆବାହନ କରି ଯତ୍ କିଞ୍ଚିତ୍ ସେବା ଦ୍ୱାରା ଆପଣଙ୍କ ମହିମା ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ଆପଣଙ୍କ ଭାବଧାରାର ବିକାଶ ଦିଗରେ ନିଜ ନିଜକୁ ବିନିଯୁକ୍ତ କରିବା ପାଇଁ ଆମ୍ଭମାନଙ୍କ ମନରେ କ୍ଷୀଣ ଆଶା ଜାଗିଛି । ସେହି ଉଦ୍ଦେଶ୍ୟରେ ଆମ୍ଭମାନଙ୍କର ଶତ ଅଯୋଗ୍ୟତା ସତ୍ତ୍ୱେ କେବଳ ଆପଣଙ୍କର କୃପା ଉପରେ ନିର୍ଭର କରି, ନୀଳାଚଳ ସାରସ୍ୱତ ସଂଘ, ପୁରୀଙ୍କ ତତ୍ତ୍ୱାବଧାନରେ ଉତ୍କଳ ପ୍ରାଦେଶିକ ଭକ୍ତସମ୍ମିଳନୀର ୬୬ତମ ଅଧିବେଶନ ଉପଲକ୍ଷେ ଆଗାମୀ ଫେବୃଆରି ମାସ ୧୦, ୧୧ ଓ ୧୨ ତାରିଖ ଦିନ କେନ୍ଦ୍ରାପଡା ଜିଲ୍ଲାଁ ସଂଘର ଆନୁକୂଲ୍ୟରେ ମଣ୍ଡପଡା ଶାଖାସଂଘରେ ଅନୁଷ୍ଠିତ ହେବାପାଇଁ ଏବଂ ଆମେରିକା ସାରସ୍ୱତ ସଂଘର ପଞ୍ଚଦଶ ବାର୍ଷିକ ଭକ୍ତସମ୍ମିଳନୀ ଆସନ୍ତା ଜୁଲାଇ ମାସ ୧, ୨, ଓ ୩ ତାରିଖ ଦିନ North Carolina ରାଜ୍ୟର Efland ସହରସ୍ଥିତ ନିଗମ ସ୍ମୃତିମନ୍ଦିରରେ ଅନୁଷ୍ଠିତ ହେବାପାଇଁ ଆପଣଙ୍କୁ ଭକ୍ତମାନଙ୍କ ସହ ନିମନ୍ତ୍ରଣ କରିଅଛୁ ।

ତେଣୁ ଆପଣଙ୍କର ଅଭୟ ଶ୍ରୀଚରଣରେ ବିନୀତ ପ୍ରାର୍ଥନା ଆମ୍ଭମାନଙ୍କୁ ଆପଣଙ୍କ ଯନ୍ତ୍ର ସ୍ୱରୂପ କରି ଆବଶ୍ୟକୀୟ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ ପୂର୍ବକ ଏହି ସମ୍ମିଳନୀମାନଙ୍କୁ ସର୍ବତୋଭାବରେ ସାଫଲ୍ୟ ମଣ୍ଡିତ କରି ଦିଅନ୍ତୁ ।

ତୁମରି ପୂଜାର ଗୁରୁଭାର ମୋତେ
ଦେଇଅଛ ଦୟାବହି
ରହିପାଶେ ମୋର ଦିଅ ହେ ବତାଇ
ପଥ କାହିଁ ନ ହୁଡଇ ।

## ଆସନ ମନ୍ଦିରରେ ନିତ୍ୟପୂଜାର ସୁବ୍ୟବସ୍ଥା ପାଇଁ ପ୍ରାର୍ଥନା

ପରମାରାଧ୍ୟ ଗୁରୁଦେବ !

ଆମେମାନେ ଶକ୍ତି ଭକ୍ତି ହୀନ ଆପଣଙ୍କର ଅଧମ ସନ୍ତାନ । କେବଳ ଆପଣଙ୍କର ଅହେତୁକୀ ଅସୀମ କରୁଣାବଳରୁ ଆପଣଙ୍କ ନିବାସ ପାଇଁ ଏହି ଆସନ ମନ୍ଦିରଟି ନିର୍ମାଣ କରିବାକୁ ସକ୍ଷମ ହୋଇପାରିଛୁ । ଏହି ମନ୍ଦିରରେ ଆପଣଙ୍କର ନିତ୍ୟ ସେବା ପୂଜାର ସୁବ୍ୟବସ୍ଥା କରି ଯେପରି ଆପଣଙ୍କର ମନଲାଖି ସେବା ପୂଜା କରିପାରିବୁ, ଆପଣ କୃପାକରି ସେହିପରି ଶୁଭବୁଦ୍ଧି ଓ ପ୍ରେରଣା ପ୍ରଦାନ କରି ଆମର ପ୍ରାର୍ଥନା ପୂରଣ କରନ୍ତୁ । ପୁନଶ୍ଚ ଆମେମାନେ ଯେପରି ଆପଣଙ୍କ ଭାବଧାରାରେ ଜୀବନ ଗଠନ କରି ଆପଣଙ୍କର ଜଗତ୍‌ହିତକର କର୍ମରେ ସହାୟକ ହୋଇପାରିବୁ, ଦୟାକରି ତହିଁର ବ୍ୟବସ୍ଥା କରିଦିଅନ୍ତୁ । ଆପଣଙ୍କର ରାତୁଳ ଶ୍ରୀଚରଣରେ ଏହା ହିଁ ଆମର ଏକାନ୍ତ ପ୍ରାର୍ଥନା ।